# Akashvani, Sambalpur

## SAMBALPURI NEWS MORNING BULLETIN

## 31 March 2026 - 6.47- 6.52 am.

---

ବିଧାନ୍‌ସଭା -ବ୍ୟୟମଞ୍ଜୁରୀ ବିଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ନ ଆଏଜ୍ ରାଜ୍ୟ ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ ହେବା । ଇଥି ବିରୋଧୀ ଦଲ୍ ଆଲୋଚନାଥି ଭାଗ୍ ନେବାର୍ ଲାଗି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଅନୁରୋଧ୍ କରିଛନ୍ । ଗଲାକାଏଲ୍ ବିଧାନ୍‌ସଭା ନ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ଆଗତ୍ ହେଇଥିବା ବଜେଟ୍ ପାରିତ୍ ହେଇଛେ । ରାଜ୍ୟର୍ ମୋଟ୍ ୪୧ ଟା ବିଭାଗ୍ ଭିତ୍‌ରୁ ୧୮ ଟା ବିଭାଗ୍‌ର ବିଲ୍ ଗୃହ ନ ଆଲୋଚନା ଉତ୍‌ରୁ ପାରିତ୍ ହେଇଥିବାର୍ ବେଲେ ବାକି ୨୩ ଟା ବିଭାଗ୍‌ର ଆଲୋଚନା ନାଇଁ ହେଇପାର୍‌ବାର୍‌ନୁ ଖର୍ଚ୍ଚା ଦାବି ଗିଲୋଟିନ୍ ଜରିଏ ପାରିତ୍ ହେଇଛେ ।

ମୁଖ୍ୟମନ୍ତ୍ରୀ- ଯୋଗାଣ ସ୍ଥିତି ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ପଶ୍ଚିମ୍ ଏସିଆର୍ ଯୁଦ୍ଧ ସଙ୍କଟ୍ ଲାଗି ଦେଖାଦେଇଥିବା ପରିସ୍ଥିତି ଭିତ୍‌ରେ ରାଏଜେ ଜରୁରୀ ଦରବ୍ ଯୋଗାଣ ବାବ୍‌ଦେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଆଭାସୀ ଜରିଏ ଆଲୋଚନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଂଟ୍ ସ୍କ୍ୱାର୍ଡ଼କେ ୨୪ ଘଂଟିଆ କାର୍ଯ୍ୟକ୍ଷମ୍ ରଖିବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଜିଲ୍ଲାପାଲ୍‌ମାନେ ନିୟମିତ୍ ବଜାର୍ ଥିତି ଅନୁଧ୍ୟାନ୍ କରିକରି କୃତ୍ରିମ ଦର୍‌ଦାମ୍ ବୃଦ୍ଧି ଉପ୍‌ରେ ଧ୍ୟାନ୍ ଦେବାର୍ ସହେତେ ଅସାଧୁ ବେପାରୀମାନ୍‌କର୍ ବିରୋଧ୍‌ଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଇହାଦେର୍ ସମିଆଥି ସଭେ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର୍ ସହେତେ ଅପପ୍ରଚାର୍ କରୁଥିବା ଲୁକ୍‌କୁ ଆଏତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ । ରାଏଜେ ଇହାଦେ ସବୁ ଜରୁରୀ ଦରବ୍ ମହଜୁଦ୍ ଅଛେ । ଯୋଗାଣ ଶୃଙ୍ଖଳ ଠିକ୍ ଅଛେ । କେନ୍‌ସି ଅପପ୍ରଚାର୍ ଉପ୍‌ରେ ବିଶ୍ୱାସ୍ ନାଇଁ କରିକରି ଲୁକେ ନିର୍ଶ୍ଚିନ୍ତ ରହେବାର୍‌କେ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ବିଦ୍ୟାଳୟ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଏଜେ କାର୍ଯ୍ୟକାରୀ ହେଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଲୟ ପ୍ରକଳ୍ପର୍ ଅଗ୍ରଗତିର୍ ଗଲାକାଏଲ୍ ସମୀକ୍ଷା କରିଛନ୍ । ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ସମୀକ୍ଷା ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକଳ୍ପ ଅଟକଳ ବଢ଼ାବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଶିଳାନ୍ୟାସ୍ ହେଇଥିବା ସବୁ ବିଦ୍ୟାଲୟର୍ ନିର୍ମାଣ୍ କାମ୍ ତୁର୍‌ତି ସାର୍‌ବାର୍ ସହେତେ ଆଏବା ଦିନେ ବିଦ୍ୟାଲୟମାନ୍‌କେ ଶ୍ରେଣୀ ସଂଖ୍ୟା ବଢ଼ାବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ପ୍ରାଥମିକ ବିଦ୍ୟାଲୟର୍ ଛାତ୍ରଛାତ୍ରୀ ମାନ୍‌କର୍ ଲାଗି ପାଠ୍‌ପଢ଼ା ସହେତେ ଖେଲ୍ କସ୍‌ରତ୍ ବାଗିର୍ ସୁବିଧା ଯୁଗେଇ ଦେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ବୈଠକ୍‌ଥି ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ସୁଭଦ୍ରା ଯୋଜ୍ନା ଲାଗି ଆଏବା କାଏଲ୍ଠାନୁ ନୂଆଁ ପଞ୍ଜିକରଣ୍ ମୁଲ୍ ହେବା । ମହିଲା ଆଉ ଶିଶୁବିକାଶ୍ ବିଭାଗ୍ର ସୂଚ୍ନା ଅନ୍ସାରେ ଏପ୍ରିଲ୍ ୩୦ ତାରିଖ୍ତକ୍ ସୁଭଦ୍ରା ପୋର୍ଟାଲ୍ ଜରିଏ ଯୋଗ୍ୟ ହିତାଧିକାରୀମାନେ ଆବେଦନ୍ କରିପାର୍ବେ । ଆଘୋନୁ ଆବେଦନ୍ ନାଇଁ କରିଥିବା ଆଉ ୧ ଏପ୍ରିଲ୍ ୨୦୨୬ ତକ୍ ୨୧ ବଛର୍ନୁ ଅଏତ୍କା ଆଉ ୬୦ ବଛର୍ନୁ କମ୍ ହେଇଥିବା ଯୋଗ୍ୟ ହିତାଧିକାରୀମାନେ ପଞ୍ଜିକରଣ୍ କରିପାର୍ବେ । ଇଥିର୍ଲାଗି ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ସିଡ଼ିପିଓ କାର୍ଯ୍ୟାଳୟ ନ ଫର୍ମ ଯୁଗେଇ ଦିଆଯିବା । ଆବେଦନ୍କାରୀମାନେ ନିଜର୍ ଆଧାର୍ ନମ୍ବର୍ ଆଉ ଆଧାର୍ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର୍ ଜରିଏ ଜନସେବା କେନ୍ଦ୍ର ମାନ୍କେ ମାହାଲିଆ ଆବେଦନ୍ କରିପାର୍ବେ ।

ଓଡ଼ିଆ ପକ୍ଷ -ପ୍ରସ୍ତୁତି ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ଏପ୍ରିଲ୍ ୧ ନୁ ୧୪ ତାରିଖ୍ତକ୍ ପାଲନ୍ ହେବାର୍କେ ଥିବା ଓଡ଼ିଆ ପକ୍ଷ ୨୦୨୬କେ ନେଇକରି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଏପ୍ରିଲ୍ ୧ ତାରିଖ୍ ଦିନ ସଖାଲ୍‌ବେଲା ପୁରୀ ଜିଲ୍ଲା ସୁଆଣ୍ଡୋ ଠାନେ ଆଉ ସଞ୍ଜ୍‌ବେଲା ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ ନ ରାଜ୍ୟସ୍ତରୀୟ ଓଡ଼ିଆ ଦିବସ୍ ସମାରୋହର୍ ଆୟୋଜନ୍ କରାଯିବା । ଭିନ୍ ଭିନ୍ ଦିନ୍ ମାନ୍‌କେ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇକରି ଏପ୍ରିଲ୍ ୧୪ ତାରିଖ୍ ଦିନ କୃଷି ଶିକ୍ଷା ସଦନ୍ ପରିସର୍ ନ ଓଡ଼ିଆ ପକ୍ଷ ଉଦ୍‌ଯାପନୀ ସମାରୋହ ଆଉ ଓଡ଼ିଆ ନବବର୍ଷ ପାଳନ୍ କରାଯିବା ।

ଆହାର୍ କେନ୍ଦ୍ର- ଗେସ୍ ଯୋଗାଣ ଆଇ ଆଣ୍ଡ୍ ପି.ଆର୍

ଆହାର୍ ଯୋଜ୍‌ନାକେ ବିନା ଅସୁବିଧାଥି ଚଲାବାର୍ ଲାଗି ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ସବୁ ଆହାର୍ ରନ୍ଧା କେନ୍ଦ୍ରକେ ଗେସ୍ ଯୋଗାଣ ସରଲ୍ ଆଉ ସୁରକ୍ଷିତ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ପୌର ପ୍ରଶାସନ ନିର୍ଦ୍ଦେଶାଳୟ ତର୍‌ଫୁ ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍, ପୌର ଆୟୁକ୍ତ ଆଉ ଜିଲ୍ଲା ଆଉ ସହରୀ ଆହାର୍ ସୋସାଇଟିର୍ ସଭାପତି ମାନ୍‌କୁ ଚିଠି ଜରିଏ ସୂଚ୍‌ନା ଦିଆଯାଇଛେ । ରାଜ୍ୟର୍

୯୦ ଟା ଯାକ ଆହାର୍ ରୋଷେଇ କେନ୍ଦ୍ରକେ ଠିକ୍ ଭାବେ ଗେସ୍ ଯୁଗାବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ନକ୍ସଲ୍- ଆତ୍ମସମର୍ପଣ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆନ୍ଧ୍ର - ଓଡ଼ିଶା ବୋଡ଼ର୍ ଜୋନାଲ୍ - ଏଓବି କମିଟିର୍ ୮ ଝନ୍ ସେସ୍ କେଡ଼ର୍ ଗଲାକାଏଲ୍ ଆନ୍ଧ୍ରପ୍ରଦେଶ୍‌ର ବିଜୟୱାଡ଼ା ନ ଆତ୍ମସମର୍ପଣ୍ କରିଛନ୍ । ଇତାର୍‌ସହେତେ ଏଓବି କମିଟିର୍ ମୂଳପୋଛ୍ ହେଇଯାଇଛେ । ଇ ନକ୍ସଲ୍ କେଡ଼ର୍ ମାନ୍‌କର୍ ଭିତ୍‌ରେ ମାଲ୍‌କାନ୍‌ଗିରି ଆଉ କୋରାପୁଟ୍ ଜିଲ୍ଲା ଲାଗି ମୋଷ୍ଟ୍‌ୱାଂଟେଡ୍ ଥିବା ନକ୍ସଲ୍ ଚେଲୋରୀ ନାରାୟଣ୍ ରାଓ- ସୁରେଶ୍ ଭିଲ୍ ସାମିଲ୍ ଅଛନ୍ । ସୁରେଶ୍ ଉପ୍‌ରେ ଓଡ଼ିଶା ସର୍‌କାର୍ ୧ କୋଟି ଟଙ୍କାର୍ ପୁରସ୍କାର୍ ରାଶି ଘୋଷ୍‌ନା କରିଥିଲେ ।
ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଦେଶ୍‌କେ ନକ୍ସଲ୍ ମୁକ୍ତ କର୍‌ବାର୍ ଲାଗି ଧାରିଜ୍ ହେଇଥିବା ସମିଆ ଆଏଜ୍ ଶେଷ୍ ହେଉଛେ । ଇ ଭିତ୍‌ରେ ସାରା ଦେଶେ ବହୁତ୍ ସଂଖ୍ୟାଥି ନକ୍ସଲ୍ ଆତ୍ମସମର୍ପଣ୍ କରିଛନ୍ ।

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍-କାର୍ଗୋ ସେବା/ଆର୍‌ଏନ୍‌ୟୁ ସମ୍ବଲପୁର

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍ ନ ଖୋବ୍ ଜଲ୍‌ଦି ମାଲ୍ ପରିବହନ୍ ସେବା ମୁଲ୍ ହେବାର୍‌କେ ଯାଉଛେ । ଇଥିର୍‌ଲାଗି ଗଲାକାଏଲ୍ ବିମାନ୍ ବନ୍ଦର୍ ପରିସର୍ ନ ବେସାମରିକ ବିମାନ୍ ଚଳାଚଳ ବିଭାଗ ବ୍ୟୁରୋର ସୁରକ୍ଷା ବାବଦ୍ ଆଂଚଳିକ ନିର୍ଦ୍ଦେଶକ ଜେ.ବି. ବକ୍ସଲାଙ୍କର୍ ନେତୃତ୍ୱଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ପହେଲା ଯାତ୍ରୀବାହୀ ବିମାନ୍‌ଥି ମାଲ୍ ପରିବହନ୍ ସୁବିଧା କରାଯିବା । କମ୍ ଉଜନ୍ ମାଲ୍ ପରିବହନ୍ ଲାଗି ଏୟାର୍ ଲାଇନ୍ସ ମାନ୍‌କର୍ ପ୍ରସ୍ତୁତି ଶେଷ୍ ହେଇଛେ । ସର୍‌କାରୀ ମଞ୍ଜୁରୀ ମିଲ୍‌ଲା ଉତ୍‌ରୁ ମାଲ୍ ପରିବହନ ମୁଲ୍ କରାଯିବା ବଲି ବିମାନ୍ ବନ୍ଦର୍ ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ ସୂଚ୍‌ନା ଦେଇଛନ୍ ।